# NATIONAL NEWS BULLETIN (ODIA)
## 02 April - 2026
## Evening Bulletin : 7.15 p.m.

**********************************

## ମୁଖ୍ୟ ସମ୍ବାଦ

- ମହିଳା ସଂରକ୍ଷଣ ସମ୍ପର୍କିତ ଏକ ଗୁରୁତ୍ୱପୂର୍ଣ୍ଣ ବିଲ୍ ଉପରେ ଆଲୋଚନା ପାଇଁ ପୁଣିଥରେ ସଂସଦର ବୈଠକ ଅନୁଷ୍ଠିତ ହେବା ନେଇ ସୂଚନା ଦେଲେ ସଂସଦୀୟ ବ୍ୟାପାର ମନ୍ତ୍ରୀ
- ସଂସଦରେ ପାରିତ ହେଲା ଆନ୍ଧ୍ରପ୍ରଦେଶ ପୁର୍ନଗଠନ ସଂଶୋଧନ ବିଲ୍-୨୦୨୬
- ପଶ୍ଚିମବଙ୍ଗରେ ନ୍ୟାୟିକ ଅଧିକାରୀଙ୍କୁ ବନ୍ଧକ ରଖିବା ଘଟଣାକୁ ନିଜ ଆଡୁ ବିଚାର ପାଇଁ ଗ୍ରହଣ କଲେ ସୁପ୍ରିମକୋର୍ଟ
- ଇରାନ୍ ସମର୍ଥିତ ଇରାକୀ ମିଲିସିଆ ଗୋଷ୍ଠୀ ପକ୍ଷରୁ ସମ୍ଭାବ୍ୟ ଆକ୍ରମଣ ନେଇ ବାଗ୍‌ଦାଦସ୍ଥିତ ଆମେରିକୀୟ ଦୂତାବାସର ସତର୍କ ସୂଚନା

ଏବଂ

- ଆଇପିଏଲ୍‌ର ଆଜିର ମ୍ୟାଚ୍‌ରେ ଟସ୍ ଜିତି କୋଲକାତା ନାଇଟ୍ ରାଇଡର୍ସର ବୋଲିଂ ନିଷ୍ପତ୍ତି

## ରିଜିଜୁ ପାର୍ଲାମେଣ୍ଟ

ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ କହିଛନ୍ତି, ସଂସଦକୁ ଆଜି ମୁଲତବୀ ରଖାଯିବା ସହିତ ମହିଳା ସଂରକ୍ଷଣ ସମ୍ପର୍କିତ ଏକ ଗୁରୁତ୍ୱପୂର୍ଣ୍ଣ ବିଲ୍ ଉପରେ ଆଲୋଚନା ପାଇଁ ପୁଣିଥରେ ବୈଠକ ବସିବ। ରାଜ୍ୟସଭାରେ ଆଜି କଂଗ୍ରେସର ଜୟରାମ ରମେଶଙ୍କ ଏକ ପ୍ରଶ୍ନର ଉତ୍ତରରେ ଶ୍ରୀ ରିଜିଜୁ କହିଛନ୍ତି, ଦୁଇରୁ ତିନି ସପ୍ତାହ ପରେ ପୁର୍ନବାର ବୈଠକ ବସିବାରୁ ସମ୍ଭାବନା ରହିଛି। ଏଥିପାଇଁ ସରକାର  ବିଭିନ୍ନ ରାଜନୈତିକ ଦଳ ସହ ବିଚାର ବିମର୍ଶ କରିଛନ୍ତି। ପ୍ରମୁଖ ବିରୋଧୀ ଦଳ କଂଗ୍ରେସ ଆସନ୍ତା ବିଧାନସଭା ନିର୍ବାଚନ ଶେଷ ହେବାପରେ ଅଧିବେଶନ ଡକାଇବାକୁ ସରକାରଙ୍କୁ ଚିଠି ଦେଇଛନ୍ତି। ମହିଳା ସଂରକ୍ଷଣ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଏବଂ ଏହାକୁ ସର୍ବସମ୍ମତିକ୍ରମେ ସଂସଦରେ ପାରିତ କରାଯିବା ଉପରେ ଶ୍ରୀ ରିଜିଜୁ ଗୁରୁତ୍ୱ ପ୍ରଦାନ କରିଛନ୍ତି। ଅନ୍ୟପକ୍ଷରେ ରାଜ୍ୟସଭାରେ ବିରୋଧୀ ଦଳ ନେତା ମଲ୍ଲିକାର୍ଜ୍ଜୁନ ଖଡ଼ଗେ ଏହି ପ୍ରସଙ୍ଗରେ ସର୍ବଦଳୀୟ ବୈଠକ ଡାକିବା ପାଇଁ ଦାବି ଉପସ୍ଥାପନ କରିଛନ୍ତି।

## ଆନ୍ଧ୍ରପ୍ରଦେଶ ସିଏମ୍– ଆମେଣ୍ଡମେଣ୍ଟ ବିଲ୍

ଆନ୍ଧ୍ରପ୍ରଦେଶ ପୁର୍ନଗଠନ (ସଂଶୋଧନ) ବିଲ୍-୨୦୨୬କୁ ଆଜି ରାଜ୍ୟସଭାରେ ଅନୁମୋଦନ କରାଯିବା ସହ ସଂସଦର ସ୍ୱୀକୃତି ଲାଭ କରିଛି। ପୂର୍ବରୁ ଏହି ବିଲ୍‌ଟି ଲୋକସଭାର ସ୍ୱୀକୃତି ଲାଭ କରିଥିଲା। ବିଲ୍‌ରେ ଅମରାବତୀକୁ ଆନ୍ଧ୍ରପ୍ରଦେଶର ସ୍ଥାୟୀ ରାଜଧାନୀ ରୂପେ ସ୍ୱୀକୃତି ପ୍ରଦାନ କରାଯାଇଛି। ଧ୍ୱନି ମତରେ ବିଲ୍‌ଟି ପାରିତ ହେବା ପରେ ଉପରାଷ୍ଟ୍ରପତି ସି.ପି.ରାଧାକ୍ରିଷ୍ଣନ୍ ଆନ୍ଧ୍ରପ୍ରଦେଶର ଜନସାଧାରଣଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

ପୁର୍ନଗଠନ ବିଲ୍ ସମ୍ପର୍କରେ ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ ରାଜ୍ୟସଭାରେ ନିଜ ବିବୃତିରେ କହିଛନ୍ତି, ଆନ୍ଧ୍ରପ୍ରଦେଶ ପାଇଁ ବିଶେଷ କରି ବିଶ୍ୱବ୍ୟାପୀ ତେଲୁଗୁ ସମାଜ ପାଇଁ ଏହା ଏକ ଐତିହାସିକ ମୁହୂର୍ତ୍ତ। ଗତ ମାର୍ଚ୍ଚ ୨୮ରେ ଆନ୍ଧ୍ରପ୍ରଦେଶ ବିଧାନସଭାରେ ଅମରାମତିକୁ ରାଜଧାନୀ ଭାବେ ସାମ୍ବିଧାନିକ ସ୍ୱୀକୃତି ଦେବାକୁ ଏକ ସଂକଳ୍ପ ପାରିତ ହୋଇଥିଲା। କେନ୍ଦ୍ରମନ୍ତ୍ର କେ.ରାମମୋହନ ନାଇଡୁ କହିଛନ୍ତି, ଏହି ବିଲ୍‌ଟି କେବଳ ରାଜଧାନୀ ପ୍ରତିଷ୍ଠା ନୁହେଁ ଏଥିରେ ଆନ୍ଧ୍ରପ୍ରଦେଶ ଜନସାଧାରଣଙ୍କ ଭବିଷ୍ୟତ ଏବଂ ଆତ୍ମସମ୍ମାନ ଭରି ରହିଛି। ବିଲ୍ ଆଲୋଚନାରେ କଂଗ୍ରେସ ସଦସ୍ୟ ରେଣୁକା ଚୌଧୁରୀ ୱାଇ.ଏସ୍.ଆର୍.ସି.ପି. ସଦସ୍ୟ ୟେରମ୍ ଭେଙ୍କଟ ସୁବାରେଡ୍ଡୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

ବିଲ୍‌ଟି ସଂସଦରେ ଅନୁମୋଦନ ଲାଭ କରିଥିବାରୁ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍.ଚନ୍ଦ୍ରବାବୁ ନାଇଡୁ ଏହାକୁ ସ୍ୱାଗତ କରିଛନ୍ତି ।

## ଇଣ୍ଟରମିନିଷ୍ଟ୍ରିଆଲ ବ୍ରିଫିଂ

ପଶ୍ଚିମ ଏସିଆରେ ଚାଲିଥିବା ସଂକଟଜନକ ପରିସ୍ଥିତି ଏବଂ ବିଶ୍ୱ ଯୋଗାଣ ଶୃଙ୍ଖଳରେ ପ୍ରତିବନ୍ଧକଙ୍କୁ ଦୃଷ୍ଟିରେ ରଖି ସରକାର କେତେକ ପେଟ୍ରୋ କେମିକାଲ୍ସ ଉତ୍ପାଦ ଉପରେ ସୀମାଶୁଳ୍କ ଛାଡ଼ କରିଛନ୍ତି । ଆସନ୍ତା ଜୁନ୍ ମାସ ୩୦ ତାରିଖ ପର୍ଯ୍ୟନ୍ତ ଏହି ଛାଡ଼ ବଳବତ୍ତର ରହିବ । ଆନ୍ତଃମନ୍ତ୍ରଣାଳୟ ଆଲୋଚନା ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇ କେନ୍ଦ୍ରୀୟ ପରୋକ୍ଷ ଟିକସ ଓ ସୀମାଶୁଳ୍କ ସଦସ୍ୟ ସଞ୍ଜୟ ମଙ୍ଗଲ କହିଛନ୍ତି, ଦେଶରେ ଯୋଗାଣ କ୍ଷେତ୍ରରେ ନିରନ୍ତରତା ବୃଦ୍ଧି କରିବା ଏବଂ ଅସ୍ଥାୟୀ ପଦକ୍ଷେପ ଭାବେ ସରକାରଙ୍କ ପକ୍ଷରୁ ଏଭଳି ନିଷ୍ପତ୍ତି ଗ୍ରହଣ କରାଯାଇଛି । ପ୍ଲାଷ୍ଟିକ, ବୟନ ଶିଳ୍ପ, ପ୍ୟାକେଜିଂ, ପାର୍ମାସିଟ୍ୟୁକାଲ୍ସ, ରସାୟନିକ ସାମଗ୍ରୀ ତଥା ଅନ୍ୟାନ୍ୟ ସାମଗ୍ରୀ ଉପରେ ଏହି ଶୁଳ୍କ ଛାଡ଼ ବ୍ୟବସ୍ଥା ହେବ ବୋଲି ଶ୍ରୀ ମଙ୍ଗଲ କହିଛନ୍ତି ।

ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟ ଅତିରିକ୍ତ ସଚିବ ଲଭ୍ ଅଗ୍ରୱାଲ କହିଛନ୍ତି, ଆର୍ଥିକ ପ୍ରୋତ୍ସାହନ ପ୍ରଦାନ କରାଯାଇଥିବା ରପ୍ତାନୀକାରୀଙ୍କୁ ସେମାନଙ୍କ ପ୍ରତିଶ୍ରୁତିପାଳନ କରିବାକୁ ଅତିରିକ୍ତ ସମୟ ପ୍ରଦାନ କରାଯାଇଛି । ଏହି ସମୟସୀମା ଅଗଷ୍ଟ ଶେଷ ପର୍ଯ୍ୟନ୍ତ ବୃଦ୍ଧି ହୋଇଛି । ବର୍ଦ୍ଧିତ ଅବଧି ମଧ୍ୟରେ ରପ୍ତାନୀ ଆଧାରିତ କୌଣସି ଲାଇସେନ୍ସକୁ ବାତିଲ

କରାଯିବ ନାହିଁ କିମ୍ବା ବିଳମ୍ବ ଜନିତ ଜରିମାନା ଲାଗୁ କରାଯିବ ନାହିଁ ବୋଲି ଶ୍ରୀ ଅଗ୍ରୱାଲ ସ୍ପଷ୍ଟ କରିଛନ୍ତି।

କୃଷି ଏବଂ ପ୍ରକ୍ରିୟାକୃତ ଖାଦ୍ୟ ଉତ୍ପାଦ ରପ୍ତାନୀ ବିକାଶ ପ୍ରାଧିକରଣ ପକ୍ଷରୁ ଗ୍ରହଣ କରାଯାଇଥିବା ପଦକ୍ଷେପଗୁଡ଼ିକ ଉପରେ ଆଲୋକପାତ କରି ଶ୍ରୀ ଅଗ୍ରୱାଲ କହିଛନ୍ତି। ବାସୁମତି ରପ୍ତାନୀ ପାଇଁ ପଞ୍ଜୀକରଣ ସହ ଆବଣ୍ଟନ ପ୍ରମାଣପତ୍ର ସମୟସୀମାକୁ ୪୫ଦିନ ବୃଦ୍ଧି କରାଯାଇଛି। ରପ୍ତାନୀକାରୀଙ୍କୁ ଏଥିପାଇଁ କୌଣସି ଅତିରିକ୍ତ ଦେୟଦେବାକୁ ପଡ଼ିବ ନାହିଁ। ବାଣିଜ୍ୟ କ୍ଷେତ୍ରରେ ନିରନ୍ତରତାକୁ ପ୍ରୋତ୍ସାହନ ପ୍ରଦାନ କରିବା ଏବଂ ଖର୍ଚ୍ଚ ହ୍ରାସ କରିବା ତଥା ଯୋଗାଣ ଶୃଙ୍ଖଳକୁ ସୁନିଶ୍ଚିତ କରିବା ଲକ୍ଷ୍ୟ ନେଇ ସରକାରଙ୍କ ପକ୍ଷରୁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି।

ପେଟ୍ରୋଲିୟମ୍ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟ ଯୁଗ୍ମ ସଚିବ ସୁଜାତା ଶର୍ମା କହିଛନ୍ତି, ଦେଶରେ ଅଶୋଧିତ ତୈଳ ଉପଲବ୍ଧତା ସ୍ୱାଭାବିକ ରହିବା ସହିତ ତୈଳ ରିଫାଇନାରୀଗୁଡ଼ିକ ସର୍ବାଧିକ କ୍ଷମତାର ସହ କାର୍ଯ୍ୟ କରୁଛନ୍ତି। ପେଟ୍ରୋଲ ଏବଂ ଡିଜେଲ ଉପରେ ସରକାର ଉତ୍ପାଦ ଶୁଳ୍କ ହ୍ରାସ କରିବା ଦ୍ୱାରା ଖୁଚୁରା ବିକ୍ରୟ କ୍ଷେତ୍ରରେ ମୂଲ୍ୟସ୍ଥିର ରହିଛି ଏବଂ ବଜାର କ୍ଷେତ୍ରରେ ତୈଳ କମ୍ପାନୀଗୁଡ଼ିକର କ୍ଷତିକୁ ମଧ୍ୟ ଭରଣା କରାଯାଇପାରୁଛି। ଆଗାମୀ ୬୦ ଦିନ ପର୍ଯ୍ୟନ୍ତ ଅଶୋଧିତ ତୈଳ ଯୋଗାଣକୁ ସୁନିଶ୍ଚିତ କରିବା ପାଇଁ ସରକାର ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି ସେ କହିଛନ୍ତି।

## ଏସ୍‌ସି-ୱେଷ୍ଟବେଙ୍ଗଲ

ପଶ୍ଚିମବଙ୍ଗର ମାଲଦା ଜିଲ୍ଲାରେ ୭ ଜଣ ନ୍ୟାୟିକ ଅଧିକାରୀଙ୍କୁ ବନ୍ଧକ ରଖିବା ଘଟଣାକୁ ସୁପ୍ରିମକୋର୍ଟ ଅତ୍ୟନ୍ତ ଗୁରୁତର ଭାବେ ଗ୍ରହଣ କରିଛନ୍ତି। ନିଜଆଡୁ ଏହି ଘଟଣାକୁ ବିଚାର ପାଇଁ ଗ୍ରହଣ କରି ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟ କାନ୍ତଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ରାଜ୍ୟ ସରକାରଙ୍କୁ ନୋଟିସ ଜାରି କରିଛନ୍ତି। ରାଜ୍ୟ ଗୃହ ସଚିବ, ପୁଲିସ ମହାନିର୍ଦ୍ଦେଶକ ତଥା ଅନ୍ୟାନ୍ୟ ଅଧିକାରୀଙ୍କୁ ଏହି ଘଟଣାରେ ନିଷ୍କ୍ରିୟତା ପାଇଁ ଜବାବ ମାଗିଛନ୍ତି। ସିବିଆଇ କିମ୍ବା ଜାତୀୟ ତଦନ୍ତକାରୀ ସଂସ୍ଥା– ଏନ୍.ଆଇ.ଏ. ମାଧ୍ୟମରେ ଘଟଣାର ତଦନ୍ତ କରିବାକୁ ଖଣ୍ଡପୀଠ ନିର୍ବାଚନ କମିଶନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ନ୍ୟାୟିକ ଅଧିକାରୀଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବା ପାଇଁ ଆନୁଷଙ୍ଗିକ ପଦକ୍ଷେପ ଗ୍ରହଣ କରାଯିବା ସହିତ ଆବଶ୍ୟକ ପଡ଼ିଲେ କେନ୍ଦ୍ରୀୟ ସୁରକ୍ଷା ଫୋର୍ସ ମୁତୟନ କରିବାକୁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ପଶ୍ଚିମବଙ୍ଗରେ ଚାଲିଥିବା ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାରେ ଏହି ନ୍ୟାୟିକ ଅଧିକାରୀମାନେ ସାମିଲ ହୋଇଥିଲେ। କଲିକତା ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ ସୁଯୋଗ୍ୟ ପାଲ ଏହି ଘଟଣା ସମ୍ପର୍କରେ ପ୍ରଧାନ ବିଚାରପତିଙ୍କୁ ଅବଗତ କରିବା ପରେ କୋର୍ଟ ଏହି ପଦକ୍ଷେପ ଗ୍ରହଣ କରିଛନ୍ତି। ନ୍ୟାୟିକ ବିଚାରପତିଙ୍କୁ ତାଙ୍କ ଦାୟିତ୍ୱ ସମ୍ପାଦନରେ ବାଧା ସୃଷ୍ଟି କରିବା ପରିସ୍ଥିତିକୁ ସୁପ୍ରିମକୋର୍ଟ ଅଗ୍ରହଣୀୟ ବୋଲି ବର୍ଣ୍ଣନା କରିଛନ୍ତି। ଏ କ୍ଷେତ୍ରରେ ରାଜ୍ୟ ସରକାରଙ୍କ ସଂସ୍ଥା ଆବଶ୍ୟକ ପଦକ୍ଷେପ ଗ୍ରହଣ ନ କରିବା ଅତ୍ୟନ୍ତ ନିନ୍ଦନୀୟ ବୋଲି କୋର୍ଟ କହିଛନ୍ତି। ଏହି ମାମଲାରେ ରାଜ୍ୟ ସରକାରଙ୍କ ମୁଖ୍ୟ ଶାସନ

ସଚିବ, ପୁଲିସ ମହାନିର୍ଦ୍ଦେଶକ, ଜିଲ୍ଲାପାଳ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିବା ସହ ଆସନ୍ତା ୬ ତାରିଖ ଅପରାହ୍ନ ୪ଟାରେ ଆଭାସୀ ମାଧ୍ୟମରେ କୋର୍ଟରେ ଉପସ୍ଥିତ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ଅମିତ ଶାହା- ଆସାମ ଭିଜିଟ୍

ବରିଷ୍ଠ ବିଜେପି ନେତା ତଥା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଜାତୀୟ ଗଣତାନ୍ତ୍ରିକ ମେଣ୍ଟ ପ୍ରାର୍ଥୀଙ୍କ ସପକ୍ଷରେ ନିର୍ବାଚନ ପ୍ରଚାର କରିବା ପାଇଁ ଆସାମକୁ ଦୁଇଦିନ ଗସ୍ତରେ ଯାଇଛନ୍ତି। ଆଜି ଅପରାହ୍ନରେ ଆସାମରେ ପହଁଞ୍ଚିବା ପରେ ନାଗାଓଁ ଜିଲ୍ଲାର କାଲିଆବୋର ନିର୍ବାଚନ ମଣ୍ଡଳୀରେ ଏକ ଜନସମାବେଶକୁ ସମ୍ବୋଧନ କରିଛନ୍ତି। ଆସାମ ଗଣପରିଷଦ ପ୍ରାର୍ଥୀ କେଶବ ମହାନ୍ତଙ୍କ ସପକ୍ଷରେ ପ୍ରଚାର କରିବା ବେଳେ ଶ୍ରୀ ଶାହା କହିଛନ୍ତି, ବିଜେପି ଅନୁପ୍ରବେଶକାରୀଙ୍କ ବିରୁଦ୍ଧରେ ପଦକ୍ଷେପ ଗ୍ରହଣ କରୁଛି। ଦେଶର ମୂଳ ମୁସଲିମ୍ ଅଧିବାସୀଙ୍କ ବିରୁଦ୍ଧରେ କୌଣସି ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ ବୋଲି ଶ୍ରୀ ଶାହା ସ୍ପଷ୍ଟ କରିଛନ୍ତି। ଗତ ଦଶନ୍ଧି ମଧ୍ୟରେ ବିଜେପି ନେତୃତ୍ୱାଧୀନ କେନ୍ଦ୍ର ସରକାର ଆସାମରେ ବିଭିନ୍ନ ବିକାଶମୂଳକ ପ୍ରକଳ୍ପ ପାଇଁ ୧ ଲକ୍ଷ ୭୮ ହଜାର କୋଟି ଟଙ୍କାରୁ ଊର୍ଦ୍ଧ୍ୱ ଅନୁଦାନ ପ୍ରଦାନ କରିଛନ୍ତି ବୋଲି ଶ୍ରୀ ଶାହା କହିଛନ୍ତି।

## ୟୁଏସ୍-ଏମ୍ବାସି ୱାର୍ଣ୍ଣିଂ

ଇରାନ୍ ସମର୍ଥିତ ଇରାକୀ ମିଲିସିଆ ଗୋଷ୍ଠୀଗୁଡ଼ିକ ଆସନ୍ତା ୪୮ ଘଣ୍ଟା ମଧ୍ୟରେ କେନ୍ଦ୍ରୀୟ ବାଗ୍‌ଦାଦ୍‌ରେ ଆକ୍ରମଣ କରିବାର ସମ୍ଭାବନା ନେଇ ସତର୍କ ସୂଚନା ଜାରି ହୋଇଛି। ଇରାକ୍‌ର ବାଗ୍‌ଦାଦ୍‌ସ୍ଥିତ ଆମେରିକୀୟ ଦୂତାବାସ ଏ ସଂକ୍ରାନ୍ତରେ ଏକ ଜରୁରୀ ସୁରକ୍ଷା ସତର୍କ ସୂଚନା ଜାରି କରିଛି। ଦୂତାବାସ କହିଛି, କୁର୍ଦ୍ଦିସ୍ତାନ ଅଞ୍ଚଳ ସମେତ ଇରାକ୍‌ରେ ଆମେରିକୀୟ ନାଗରିକ ଏବଂ ଆମେରିକା ସହିତ ଜଡ଼ିତ ବିଭିନ୍ନ ପରିସ୍ଥିତି ଉପରେ ଏହି ଗୋଷ୍ଠୀଗୁଡ଼ିକ ପକ୍ଷରୁ ପୂର୍ବରୁ ଆକ୍ରମଣ କରାଯାଇଥିଲା। ଆମେରିକୀୟ ନାଗରିକ, କୂଟନୈତିକ ଅଞ୍ଚଳ, ବ୍ୟବସାୟ ପ୍ରତିଷ୍ଠାନ, ଶିକ୍ଷା ଅନୁଷ୍ଠାନ, ଶକ୍ତି ଭିତ୍ତିଭୂମି, ପର୍ଯ୍ୟଟନସ୍ଥଳୀ, ବିମାନ ବନ୍ଦର, ଇରାକ୍ ସରକାରୀ କୋଠା ଏବଂ ସର୍ବସାଧାରଣ ଅଞ୍ଚଳରେ ଆକ୍ରମଣର ସମ୍ଭାବନା ରହିଛି ବୋଲି ଦୂତାବାସ ସତର୍କ କରାଇଛି।

## ଫ୍ରାନ୍ସ-ପଶ୍ଚିମ ଏସିଆ

ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନ କହିଛନ୍ତି, ସାମରିକ କାର୍ଯ୍ୟାନୁଷ୍ଠାନ ମାଧ୍ୟମରେ ହର୍ମୁଜ ପ୍ରଣାଳୀକୁ ପୁନଃ କାର୍ଯ୍ୟକ୍ଷମ କରିବା ବାସ୍ତବତା ହୋଇନପାରେ। ସାମ୍ବାଦିକଙ୍କ ସହ ଆଲୋଚନା ପରେ ଶ୍ରୀ ମାକ୍ରନ ଏ କ୍ଷେତ୍ରରେ କୌଣସି ପ୍ରକାର ସାମରିକ କାର୍ଯ୍ୟାନୁଷ୍ଠାନ ଦୀର୍ଘଦିନ ପର୍ଯ୍ୟନ୍ତ ଲାଗି ରହିପାରେ ବୋଲି ଚେତାବନୀ ଦେଇଛନ୍ତି। ଏହି ପ୍ରଣାଳୀରେ ଯାତାୟାତ କରୁଥିବା ଜାହାଜଗୁଡ଼ିକ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ଏବଂ ଅନ୍ୟାନ୍ୟ ଯୁଦ୍ଧ କ୍ଷମତା ସମ୍ପନ୍ନ ଇସଲାମିକ୍ ରେଭିଲ୍ୟୁସନାରୀ ଗାର୍ଡ

କର୍ପସ ପକ୍ଷରୁ ବିପଦର ସମ୍ମୁଖୀନ ହୋଇପାରନ୍ତି ବୋଲି ଶ୍ରୀ ମାକ୍ରନ କହିଛନ୍ତି । ତେବେ ଏହି ପ୍ରଣାଳୀକୁ ପୁନଃ କାର୍ଯ୍ୟକ୍ଷମ କରିବା ପାଇଁ ଇରାନ୍ ସହ ସମନ୍ୱୟ ମାଧ୍ୟମରେ ପଦକ୍ଷେପ ଗ୍ରହଣ କରିବା ଉପରେ ସେ ଗୁରୁତ୍ୱ ପ୍ରଦାନ କରିଛନ୍ତି ।

## ଆଇପିଏଲ୍

ଆଇପିଏଲ୍ କ୍ରିକେଟ ପ୍ରତିଯୋଗିତାର ଆଉ ଅଳ୍ପ ସମୟ ପରେ କୋଲକାତା ନାଇଟ୍ ରାଇଡର୍ସ ଏବଂ ସନରାଇଜର୍ସ ହାଇଦ୍ରାବାଦ ମଧ୍ୟରେ ମ୍ୟାଚ୍ ଖେଳାଯିବ । କୋଲକାତାର ଇଡେନ ଗାର୍ଡେନ୍ସଠାରେ ଖେଳାଯାଉଥିବା ଏହି ମ୍ୟାଚ୍‌ରେ କୋଲକାତା ନାଇଟ୍ ରାଇଡର୍ସ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଛି ।

ଗତକାଲିର ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ' ଲକ୍ଷ୍ନୌ ସୁପରଜାଏଣ୍ଟ୍ସକୁ ୬ ୱିକେଟରେ ପରାସ୍ତ କରିଥିଲା ।